## ଗରିବଙ୍କୁ ସ୍ଥାୟୀ ପଟ୍ଟା ଦାବିରେ ତହସିଲଦାରଙ୍କୁ ଦାବିପତ୍ର

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ପଞ୍ଚାୟତ ସଦର ଗ୍ରାମର ଶତାଧିକ ଗରିବ ଓ ନିମ୍ନ ମଧ୍ୟବିତ୍ତ ପରିବାର ଦୀର୍ଘ ୬୦ବର୍ଷରୁ ଉର୍ଦ୍ଧ୍ୱର୍ ସମୟ ଧରି ସରକାରୀ ଜାଗାରେ ଘର କରି ରହିଆସୁଛନ୍ତି । ସେମାନଙ୍କୁ ସ୍ଥାୟୀ ଘରଡିହ ପଟ୍ଟା ପ୍ରଦାନ ଦାବିରେ ଶନିବାର ମୁରିବାହାଲ ତହସିଲଦାର ଜଗଦୀଶ କର୍ତ୍ତାମୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ହଳଦୀ ମୌଜାରେ ଥିବା ବାସିନ୍ଦାଙ୍କ ଦାବିପତ୍ର ମୁତାବକ ସେମାନେ ଦୀର୍ଘ ୬୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସେହି ସରକାରୀ ଜାଗାରେ ଘର କରି ରହିଆସୁଛନ୍ତି । ଏଥିରେ ବହୁ ସଂଖ୍ୟକ ଏସଟି,ଏସସି, ଓବିସି ଓ ସାଧାରଣ ବର୍ଗର ଅତ୍ୟନ୍ତ ଗରିବ ପରିବାର ବସବାସ କରୁଛନ୍ତି । ସେମାନେ ଘରଡିହ କରି ରହୁଥିବା ସେହି ସରକାରୀ ଜାଗାରେ ପ୍ରଧାନମନ୍ତ୍ରୀ ଆବାସ,ବିଦ୍ୟୁତ ଯୋଗାଣ,ପାଇଖାନା, ଜଳଯୋଗାଣ,କଂକ୍ରିଟ ରାସ୍ତା, ଆଲୋକୀକରଣ ଭଳି ସମସ୍ତ ସରକାରୀ ଯୋଜନା ଓ ସହାୟତା ପାଉଛନ୍ତି । କିନ୍ତୁ ସ୍ଥାୟୀ ଘରଡିହ ପଟ୍ଟା ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସ୍ଥାୟୀ ପଟ୍ଟା ପ୍ରଦାନ ଦାବିରେ ସେମାନେ ପୂର୍ବରୁ ବହୁଥର ତହସିଲ ଓ ଆରଆଇ ଅଫିସକୁ ଯାଇ ନିରାଶ ହୋଇ ଫେରିସାରିଛନ୍ତି । ତହସିଲଦାରଙ୍କ ବାରମ୍ବାର ନିର୍ଦ୍ଦେଶ ସେ%୦ ଆରଆଇ କୌଣସି ଦୃଢ଼ ପଦକ୍ଷେପ ନେଉନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏଣୁ ଆରଆଇଙ୍କୁ ସରକାରୀ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇ ଶୀଘ୍ର ଘରଡିହ ପଟ୍ଟା ପ୍ରଦାନ କରିବାକୁ ହଳଦୀ ଗ୍ରାମବାସୀ ତହସିଲଦାରଙ୍କୁ ପୁଣି ଲିଖିତ ଦାବୀ କରିଛନ୍ତି । ଦାବିପତ୍ର ଗ୍ରହଣ କରି ତହସିଲଦାର ଶ୍ରୀ କର୍ତ୍ତାମୀ ଏ ସମ୍ପର୍କରେ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ଗ୍ରାମବାସୀଙ୍କୁ ନିଶ୍ଚିତ ପ୍ରତିଶ୍ରୁତି ଦେଇଛନ୍ତି । ଦାବିପତ୍ର ପ୍ରଦାନ ବେଳେ ହଳଦୀ ସମିତି ସଭ୍ୟ ଟୁନାମଣି ମହାନନ୍ଦ ନେତୃତ୍ୱ ନେଇଥିଲେ ।

# ମୂଳଚାଲ ବେଳେ କଲରାପତରିଆ ବାଘଛାଲ ଜବତ, ୮ ଗିରଫ

ରାୟଗଡା,(ସବ୍ୟୁ): ବନ୍ୟପ୍ରାଣୀ ଚୋରା କାରବାର ବିରୋଧରେ ରାୟଗଡ଼ା ବନ ବିଭାଗକୁ ବଡ଼ ସଫଳତା ମିଳିଛି । କଲ୍ୟାଣସିଂହପୁର ଅଞ୍ଚଳରେ କଲରାପତରିଆ ବାଘଛାଲ ମୂଳଚାଲ ବେଳେ ଚଢ଼ାଉ କରି ବନ ବିଭାଗ ୮ ଜଣଙ୍କୁ ଗିରଫ କରିଥିବା ବେଳେ ଏକ ବାଘଛାଲ, ମୋଟରସାଇକେଲ ଓ କିଛି ମୋବାଇଲ ଫୋନ୍ ଜବତ କରିଛି । ଗୁପ୍ତ ସୂଚନା ଆଧାରରେ ରାୟଗଡ଼ା ବନଖଣ୍ଡ ଅଧିକାରୀ ସଚିନ ଆନ୍ନାସାହେବ ଓହୋଲଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ରାୟଗଡ଼ା ରେଞ୍ଜର ଅନିଲ କୁମାର ପାଣିଗ୍ରାହୀ ଓ କଲ୍ୟାଣସିଂହପୁର ରେଞ୍ଜର ସଚ୍ଚିଦାନନ୍ଦ ପରିଡ଼ାଙ୍କ ନେତୃତ୍ୱରେ ଟିମ୍ କଲ୍ୟାଣସିଂହପୁର ବନାଞ୍ଚଳ ଅନ୍ତର୍ଗତ ରିଭଲକଣା ଅଞ୍ଚଳରେ ଚଢ଼ାଉ କରିଥିଲା । କଲ୍ୟାଣସିଂହପୁର ରେଞ୍ଜ ଅଧୀନ ରିଭଲକଣା ଛକରେ ବାଘଛାଲ କିଣାବିକା ଚାଲିଥିବା ବେଳେ ବନ ବିଭାଗ କର୍ମଚାରୀମାନେ ଚଢ଼ାଉ



କରିଥିଲେ । ଏହି ଡିଲ୍ ସମ୍ପର୍କରେ ଦୁଇ ଦିନ ପୂର୍ବରୁ ସୂଚନା ମିଳିଥିବାରୁ ବନ ବିଭାଗ ପୂର୍ବରୁ ଯୋଜନାବଦ୍ଧ ଭାବେ ନଜର ରଖିଥିଲା । ଚଢ଼ାଉ ସମୟରେ ବାଘଛାଲ ବେପାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ୮ ଜଣଙ୍କୁ ଗିରଫ କରାଯାଇଥିଲା । ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ୫ ଜଣ ରାୟଗଡ଼ା ଜିଲ୍ଲା ଏବଂ ୩ ଜଣ କଳାହାଣ୍ଡି ଜିଲ୍ଲାର ବୋଲି ଜଣାପଡ଼ିଛି । ସେମାନଙ୍କ ନିକଟରୁ ଏକ କଲରାପତରିଆ ବାଘର ଚମଡ଼ା, ଏକ ମୋଟରସାଇକେଲ ଓ କିଛି ମୋବାଇଲ ଫୋନ୍ ଜବତ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ କଳାହାଣ୍ଡି ଜିଲ୍ଲାର ଜିତେନ୍ଦ୍ର ବେନିଆ, ଇ.ଜେ. ରାଓ ସାହୁ ଓ ମୁନୁଗା ମାଝୀ ଏବଂ ରାୟଗଡ଼ା ଜିଲ୍ଲାର ଭରତ ନାଚିକା, ସୀମାଦ୍ରି ତାଡ଼ିଙ୍ଗି, କୈଳାସ ଜାନି, ପ୍ରଶାନ୍ତ କାଡ୍ରାକା ଓ ଧର୍ମ ପାତିକା । ଏସିଏଫ୍ ସନ୍ଦିପ କୁମାର ପୃଷ୍ଟିଙ୍କ ସୂଚନା ଅନୁସାରେ, କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ପ୍ରାୟ ୨ରୁ ୪ ମାସ ପୂର୍ବେ ଏକ କଲରାପତରିଆ ବାଘର ଶିକାର କରାଯାଇଥିଲା । ଏହି ଘଟଣାରେ ଜଡିତ ଶିକାରୀଙ୍କୁ କଳାହାଣ୍ଡି ବନ ବିଭାଗ ପୂର୍ବରୁ ଗିରଫ କରାଯାଇଛି । ତେବେ ଏହି ଚୋରା କାରବାରରେ ଆହୁରି କିଛି ଲୋକଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି । ମାମଲାର ଅଧିକ ତଦନ୍ତ ଚାଲିଥିବା ବୋଲି ରାୟଗଡ଼ା ଡିଏଫଓ ସଚିନ ଆନ୍ନାସାହେବ ଓହୋଲ ସୂଚନା ଦେଇଛନ୍ତି ।

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ଜଣେ ମୃତ, ତିନି ଆହତ

ନୂଆପଡା,(ସବ୍ୟୁ): ନୂଆପଡା ଜିଲ୍ଲା ବୋଡ଼େନ ଥାନା ଅନ୍ତର୍ଗତ ବୋଲଧା ନିକଟ ବିଜୁ ଏକ୍ସପ୍ରେସ ୱେ ରେ କାର ଦୁର୍ଘଟଣା ଗ୍ରସ୍ତ ହେବାରୁ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ତିନି ଜଣ ଆହତ ହୋଇ ଚିକିତ୍ସାଧୀନ ଥିବା ଜଣା ପଡିଛି । ସୂଚନାନୁଯାଇ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ଅନ୍ତର୍ଗତ ତମ୍ବାଛଡା ଗ୍ରାମର ତପନ ପାତ୍ର ଓ ତାଙ୍କ ଭାଇ ସପନ ଖଇରପଦର ଗ୍ରାମର ଚନ୍ଦନ ପାତ୍ର ଓ କୋକସରା ଥାନା ଅନ୍ତର୍ଗତ ଝାରକୁମୁଡାମାଲ ଗ୍ରାମର ସ୍ମରଣ ପଣ୍ଡାଙ୍କ ସହ ମିଶି ଗୋଟିଏ କାର ଯୋଗେ ଧର୍ମଗଡ଼ ଠାରୁ ରାଇପୁର ଅଭିମୁଖେ ବାହାରିଥିଲେ । ତେବେ ଭାରସାମ୍ୟ ହରେଇ କାର ଟି ବୋଲଧାମାଳ ଠାରେ ଦୁର୍ଘଟଣାଗ୍ରସ୍ତ ହେବାଫଳରେ ତପନଙ୍କ ଘଟନାସ୍ଥଳରେ ମୃତ୍ୟୁ ଘଟିଥିବା କୁହାଯାଉଥିବାବେଳେ ଅନ୍ୟ ତିନିଜଣ ଆହତ ହୋଇଥିଲେ । ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ସେମାନଙ୍କୁ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତିକରାଯାଇଥିଲା । ସେଠାରେ ଡାକ୍ତର ତପନଙ୍କୁ ମୃତ ଘୋଷଣା କରିଥିବାବେଳେ ଅନ୍ୟ ତିନି ଜଣଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ କରାଯାଇଥିଲା । ଖବର ପାଇ ବୋଡ଼େନ ପୋଲିସ କୋମନା ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ବିଭିନ୍ନ ସ୍ଥାନରେ ପିଚୁ ଦବି ଯିବା ସହିତ ଖାଲଖମା ରେ ଭର୍ତ୍ତି ବିଜୁ ଏକ୍ସପ୍ରେସ ୱେ ରେ ବାରମ୍ବାର ଦୁର୍ଘଟଣା ଘଟୁ ଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ନଦେବା ପରିତାରର ବିଷୟ ହୋଇଛି ।

## ରାତ୍ରୀକାଳିନ ଭଲିବଲ ଟୁର୍ଣ୍ଣାମେଣ୍ଟ, ତୁଣ୍ଡଲା ଚାମ୍ପିଅନ

କନ୍ଧମାଳ,(ସବ୍ୟୁ): କନ୍ଧମାଳ ବ୍ଲକ ଘଣ୍ଟାପଡ଼ା ଠାରେ ମା' ସମଲେଶ୍ୱରୀ ଭଲିବଲ କ୍ଲବ ପକ୍ଷରୁ ଆୟୋଜିତ ଦୁଇଦିନିଆ ରାତ୍ରୀକାଳୀନ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଫାଇନାଲରେ ସାଲେପାଲି କୁ ୩-୦ସେଟରେ ହରାଇ ତୁଣ୍ଡଲା ଦଳ ଚମ୍ପିଆନ ହୋଇଛି । ଦ୍ୱିତୀୟ ସନ୍ଧ୍ୟାର ପ୍ରଥମ ମ୍ୟାଚ ଘଣ୍ଟାପଡ଼ା ବି ଓ ମହିପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମହିପୁର ଦଳ ସିଧାସଳଖ ୨-୦ସେଟରେ ଘଣ୍ଟାପଡ଼ାକୁ ହରାଇଥିଲା । ସେହିପରି ଖୁଣ୍ଟିଗୋରା ଓ ତୁଣ୍ଡଲା ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଖେଳ ରେ ତୁଣ୍ଡଲା ଦଳ ମଧ୍ୟ ୨-୦ସେଟରେ ଖୁଣ୍ଟିଗୋରାକୁ ହରାଇ ମହିପୁର ସହିତ ସେମିଫାଇନାଲ ଖେଳିଥିଲା । ଏଥିରେ ତୁଣ୍ଡଲା ଦଳ ୨-୦ରେ ମହୀପୁରକୁ ହରାଇ ଫାଇନାଲରେ ସାଲେପାଲିକୁ ଭେଟିଥିଲା । ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ କନ୍ଧମାଳ ବିଧାୟକ



ମହିଧର ରଣା, ସମ୍ମାନୀତ ଅତିଥିଭାବେ ଗାଁର ଜମିଦାର ବସନ୍ତ ମାଝୀ, ଶିକ୍ଷକ ନେତା ନିଳାଚଳ ଭୋଇ, ସୁଶାନ୍ତ ମାଝୀ, ସମାଜସେବୀ କରୁଣାକର ସାହୁ, ପ୍ରେମରାଜ ରଣା, ରେଙ୍ଗାଲି ଗଉନ୍ତିଆ ଶ୍ରୀ ଭୋଇ ପ୍ରମୁଖ ଉପସ୍ଥିତ ରହି ବିଜେତା ଓ ଉପ ବିଜେତା ଦଳଙ୍କୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ । ଏଥିରେ ସଞ୍ଜିବ ସାହୁ, ବୀରବାହୁ ମାଝୀ, ସିଦ୍ଧାନ୍ତ ଦେହୁରୀ ,ଶ୍ରୀତମ ଦେହୁରୀ ଆଦି ଖେଳ ପରିଚାଳନା କରିଥିବା ବେଳେ ପ୍ରଭାକର କହଁର ସ୍କୋରର ଓ ବିରେନ୍ଦ୍ର ଦେହୁରୀ , ପଣ୍ଡିତ ସନତ ମିଶ୍ର,ଦେବେନ୍ଦ୍ର ରଣା, ଅଗସ୍ତି ମଲିକ ପ୍ରମୁଖ ଧାରା ବିବରଣୀ ପ୍ରଦାନ କରିଥିଲେ । ଅନୁଷ୍ଠାନର ସଦସ୍ୟ ପ୍ରଭାକର କହଁର, ସତ୍ୟନାରାୟଣ ଦେହୁରୀ, ପ୍ରକାଶ ମାଝୀ, ମୁନା ମଲିକ,ପପୁନ କହଁରଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ବିଶ୍ୱ ପରିବେଶ ଦିବସରେ ବୃକ୍ଷରୋପଣ

ଜମନକିରା,(ସବ୍ୟୁ): ଜମନକିରା ବ୍ଲକ ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଜମନକିରା ରେଞ୍ଜ ଫାଶିମାଲ ପଞ୍ଚାୟତ ପୁକୁଡ଼ା-ଗରିଆବାହାଲ ଗ୍ରାମ୍ୟ ସଂରକ୍ଷିତ ଜଙ୍ଗଲରେ ବନାଞ୍ଚଳ ଅଧିକାରୀ ଲେଖାରାଣୀ ମହାନନ୍ଦଙ୍କ ନେତୃତ୍ୱରେ ବିଶ୍ୱ ପରିବେଶ ଦିବସ-୨୦୨୬ ପାଳନ କରାଯାଇଥିଲା । ଏକ ପେଡ଼ ମା' କେ ନାମ ଅଭିଯାନ ଅନ୍ତର୍ଗତ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଫାଶୀମାଲ ସରପଞ୍ଚ ମାଧବୀଲତା ବରିହା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ ।ଏହି ଅବସରରେ ବୃକ୍ଷ ପ୍ରେମୀମାନେ ବୃକ୍ଷରୋପଣ କରିଥିଲେ । ବର୍ତ୍ତମାନ ବିଶ୍ୱ ଜଳବାୟୁ ପରିବର୍ତ୍ତନ, ଅସ୍ୱାଭାବିକ ପାଣିପାଗ, ଗ୍ଲୋବାଲ ଓ୍ୱାର୍ମିଂ, ଉଷ୍ଣତା ବୃଦ୍ଧି, ବନ୍ୟା, ବାତ୍ୟା, ମରୁଡ଼ି ଓ ଜୈବ ବିବିଧତା ହ୍ରାସ ଭଳି ସମସ୍ୟାର ସମ୍ମୁଖୀନ ହେଉଛି । ଏହାର ମୁକାବିଲା ପାଇଁ ଜଙ୍ଗଲ, ଜଳଉତ୍ସ ଓ ଜୈବ ସମ୍ପଦର ସୁରକ୍ଷା ସହ ବୃକ୍ଷରୋପଣ ଅତ୍ୟନ୍ତ ଆବଶ୍ୟକ । ତେଣୁ ସବୁଜ ପରିବେଶ ଗଠନ ଓ ପ୍ରଦୂଷଣମୁକ୍ତ ସମାଜ ସୃଷ୍ଟି ପାଇଁ ଏଭଳି କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଉଛି । ଗ୍ରାମବାସୀ, ସମାଜସେବୀ ଓ ବୃକ୍ଷପ୍ରେମୀଙ୍କ ସହଯୋଗରେ ବହୁ ସଂଖ୍ୟକ ଚାରା ରୋପଣ କରାଯାଇଥିଲା । ବନ ବିଭାଗର ଏହି ପଦକ୍ଷେପ କେବଳ ପ୍ରକୃତି ଓ ପରିବେଶ ସୁରକ୍ଷା ନୁହେଁ, ବରଂ ଜଳବାୟୁ ଅନୁକୂଳ ବିକାଶ, ସାମାଜିକ ସୁରକ୍ଷା ଏବଂ ଭବିଷ୍ୟତ ପିଢ଼ୀର କଲ୍ୟାଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ବନପାଳ ସୁଜିତ ପଟେଲ ଏବଂ ବନରକ୍ଷୀ ମୀନା ଜୟପୁରିଆ, ଖିରୋଦିନୀ ରଣା, ଇନ୍ଦ୍ରାଣୀ ସ୍ୱାଇଁ, ଝିଲି କୁମାରୀ ପଟେଲ, ସୁଜାତା ପଟେଲ ପ୍ରମୁଖ ଉପସ୍ଥିତ ଥିଲେ । ବିଶ୍ୱ ପରିବେଶ ଦିବସରେ ବୃକ୍ଷରୋପଣ ମାଧ୍ୟମରେ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଛି ଜମନକିରା ବନ ବିଭାଗ ।

### ଜଳାଶୟ ପୁନରୁଦ୍ଧାର କାମକୁ ନେଇ

# ବିଜେଡି -କଂଗ୍ରେସ ମୁହାଁମୁହିଁ

ବଲାଙ୍ଗିର,(ସବ୍ୟୁ): ବିକ୍ଷୋଭ ବିରୋଧରେ ବିକ୍ଷୋଭ । କଂଗ୍ରେସ ବିଜେଡ଼ି ମୁହାଁମୁହିଁ । ଜଳାଶୟ ପଙ୍କୋଦ୍ଧାର କାମ ଠିକ୍ ଭାବରେ ହେଉନଥିବା ଏବଂ ଦୁର୍ନୀତି ହୋଇଥିବା ଅଭିଯୋଗରେ ଆଜି କଂଗ୍ରେସ ଦଳ ପକ୍ଷରୁ ସ୍ଥାନୀୟ ନରସିଂ ବନ୍ଧ ଓ କରଙ୍ଗାକଟା ବନ୍ଧ ଆଡ଼ିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଠିକ୍ ସେତିକି ବେଳେ ବିଜେଡ଼ି ପକ୍ଷରୁ ଶତାଧିକ ମହିଳା ଏବଂ କର୍ମୀ ମ୍ୟୁନିସିପାଲଟି ଅଧକ୍ଷା ଲିକା ସାହୁଙ୍କ ନେତୃତ୍ୱରେ ଆସି କଂଗ୍ରେସ ଦଳର ଏହି ବିକ୍ଷୋଭକୁ ବିରୋଧ କରିଥିଲେ । ବିରୋଧ ବିରୋଧରେ ବିରୋଧ ଭଳି ରୋଚକ ଘଟଣା ବଲାଙ୍ଗିରରେ ନୂଆଁ ଦେଖିବାକୁ ମିଳିଥିଲା । ଏଭଳି ଏକ ଘଟଣା ଆଜି ବଲାଙ୍ଗିର ରାଜନୀତିକୁ ସର୍ଗରମ୍



କରି ପକାଇଛି । ଘଟଣା ସମୟରେ ଉଭୟ ଦଳ ଡାକବାଜି ଯନ୍ତ୍ର ସାହାଯ୍ୟରେ କଥା କଟାକଟି ହେବା ସହ ଉଭୟ ଦଳର ନେତାମାନଙ୍କ ଉପରେ ଉଭୟ ଦଳର ବରିଷ୍ଠ କର୍ମକର୍ତ୍ତାମାନେ ବିଷ ଓଗାଳୁଥିବାର ଦେଖିବାକୁ ମିଳିଥିଲା ।ଆଜିର ଏହି ଘଟଣା ବଲାଙ୍ଗିରରେ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଥିବା ବେଳେ ଆଗାମୀ ଦିନରେ ଅଧାପନ୍ତରିଆ କାମ ଗୁଡିକ ଠିକ୍ ଭାବରେ ସମ୍ପୂର୍ଣ୍ଣ ହେବ ନା ମହାରାଣୀ ସାଗର ଭଳି ଅଧାରେ ରହିଯିବ ଲୋକେ ସନ୍ଦେହରେ ରହିଛନ୍ତି ।

## ଡ. ବୀରେନ୍ଦ୍ର ପଟେଲଙ୍କୁ 'ପ୍ରକୃତି ବନ୍ଧୁ' ପୁରସ୍କାର

କୁଚିଣ୍ଡା,(ସବ୍ୟୁ): ସମ୍ବଲପୁର ଠାରେ ବିଶ୍ୱ ପରିବେଶ ଦିବସ ଅବସରରେ ସମ୍ବଲପୁର ବନ ବିଭାଗ ପକ୍ଷରୁ ଆୟୋଜିତ ଜିଲ୍ଲା ସ୍ତରୀୟ ଉତ୍ସବରେ ବିଶିଷ୍ଟ ପରିବେଶ ପ୍ରେମୀ ତଥା ମାଧ୍ୟମିକ ଶିକ୍ଷକ ଡ. ବୀରେନ୍ଦ୍ର କୁମାର ପଟେଲଙ୍କୁ 'ପ୍ରକୃତି ବନ୍ଧୁ' ପୁରସ୍କାରରେ ସମ୍ମାନିତ କରାଯାଇଛି । ସମ୍ବଲପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମାରୋହରେ ଶ୍ରୀ ପଟେଲଙ୍କୁ ଏହି ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଛି । ଡ. ବୀରେନ୍ଦ୍ର କୁମାର ପଟେଲ ସମ୍ବଲପୁର ଜିଲ୍ଲା ବଡ଼ମୁଣ୍ଡାଲୋଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ । ଶିକ୍ଷାଦାନ ସହିତ ଦୀର୍ଘ ବର୍ଷ ଧରି ସେ ପରିବେଶ ସଂରକ୍ଷଣ, ବୃକ୍ଷରୋପଣ, ବନ୍ୟପ୍ରାଣୀ ସୁରକ୍ଷା ଏବଂ ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କ ମଧ୍ୟରେ ପରିବେଶ ସଚେତନତା ସୃଷ୍ଟି କ୍ଷେତ୍ରରେ ନିରନ୍ତର ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଛନ୍ତି ।

## ସଂଘ ଶିକ୍ଷାବର୍ଗ ଓ କାର୍ଯ୍ୟକର୍ତ୍ତା ବିକାଶ ବର୍ଗ ସମାପନ ଉତ୍ସବ

ସମ୍ବଲପୁର,(ସବ୍ୟୁ) : ସମ୍ବଲପୁର ଜିଲ୍ଲା ଶାସନ ସ୍ଥିତ ବିଦ୍ୟା ବିକାଶ ସ୍କୁଲ ପଡ଼ିଆରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଶିକ୍ଷା ବର୍ଗ ଓ କାର୍ଯ୍ୟକର୍ତ୍ତା ବିକାଶ ବର୍ଗ ସମାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସମାପନ ସମାରୋହରେ ମୁଖ୍ୟ ଅତିଥି ଭାବେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ବିତ୍ତ ନିୟନ୍ତ୍ରକ ତୁଳାରାମ କଲେତ ଯୋଗଦେଇ ସ୍ୱୟଂସେବକ ମାନଙ୍କୁ ସମାଜ ଓ ରାଷ୍ଟ୍ର ଗଠନରେ ଅଧିକ ସକ୍ରିୟ ଭୂମିକା ନେବା ପାଇଁ ଆହ୍ୱାନ ଦେଇଥିଲେ । ସେହିପରି ଅଖିଳ ଭାରତୀୟ ସାମାଜିକ ସଦଭାବନା ପ୍ରମୁଖ ଡ. ଗୋପାଳ ପ୍ରସାଦ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସ୍ୱୟଂସେବକ ମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଭାରତ ବର୍ଷର ସମ୍ପୂର୍ଣ୍ଣ ସ୍ୱତନ୍ତ୍ରତାର ସ୍ୱପ୍ନକୁ ସାକାର କରିବା ଦୃଷ୍ଟିରୁ



ଡ. କେଶବ ବଳିରାମ ହେଡଗେୱାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଆଜକୁ ୧୦୦ ବର୍ଷ ପୂର୍ବେ ୧୯୨୫ ବିଜୟାଦଶମୀ ଦିନ ଆରମ୍ଭ କରିଥିଲେ । ସମ୍ପୂର୍ଣ୍ଣ ସ୍ୱତନ୍ତ୍ରତା ଅର୍ଥାତ ପରମ୍ ବୈଭବଶାଳୀ ଭାରତବର୍ଷ ଯାହାକି ବ୍ୟକ୍ତି ଚରିତ୍ରର ପରିବର୍ତ୍ତନ ଓ ଲୋକ ଶକ୍ତିର ଜାଗରଣ ଦ୍ୱାରା ସମ୍ଭବ ହୋଇପାରିବ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ସୂଚନାଯୋଗ୍ୟ, ପ୍ରତିବର୍ଷ ଗ୍ରୀଷ୍ମ ଅବକାଶ ସମୟରେ ସ୍ୱୟଂସେବକ ମାନଙ୍କର ଗୁଣବତ୍ତା, ଦକ୍ଷତା ବୃଦ୍ଧି, ସଂଘ କାର୍ଯ୍ୟର ଅଭିବୃଦ୍ଧି ଏବଂ କାର୍ଯ୍ୟକର୍ତ୍ତା ନିର୍ମାଣ ଉଦ୍ଦେଶ୍ୟରେ ଏହି ବର୍ଗ ଆୟୋଜନ ହୋଇଥାଏ । ଚଳିତ ବର୍ଷ ସମ୍ବଲପୁରସ୍ଥିତ ବୈଦିକ ଇଣ୍ଟରନ୍ୟାସନାଲ୍ ବିଦ୍ୟାଳୟ ପରିସରରେ ଦୁଇଟି ବର୍ଗର ଆୟୋଜନ କରାଯାଇଥିଲା । ଶନିବାର ସମାପନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଉଭୟ ବର୍ଗରେ ୩୬୮ ସ୍ଥାନରୁ ୪୭ ୯ ଜଣ ଶିକ୍ଷାର୍ଥୀ ସମେତ ମୋଟ ୬୧୪ ଜଣ ଅଂଶଗ୍ରହଣ କରିଥିଲେ । ବର୍ଗରେ ଶାରୀରିକ ପ୍ରଶିକ୍ଷଣ ସହିତ ଦଣ୍ଡ, ଦଣ୍ଡଯୁଦ୍ଧ, ନିଯୁଦ୍ଧ, ଯଷ୍ଟି, ଯୋଗାସନ, ସମତା, ବୌଦ୍ଧିକ ଚର୍ଚ୍ଚା ଏବଂ ସେବାମୂଳକ ବିଷୟ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସାଂସଦ ତଥା ଭାଜପା ରାଷ୍ଟ୍ରୀୟ ଉପସଭାପତି ଓ ପ୍ରବକ୍ତା ବୈଜୟନ୍ତ ପଣ୍ଡା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାଏକ, ଭାଜପା ଜିଲା ସଭାପତି ରାମଚନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

### ବଲାଙ୍ଗିର ସହରରେ ଜଳାଶୟ ପୁନଃରୁଦ୍ଧାର ପ୍ରସଙ୍ଗ

# ସବୁ ବର୍ଗର ସହଯୋଗ ଲୋଡ଼ିଲେ ପୌରାଧକ୍ଷା

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ସହରରେ ଚଳିତବର୍ଷ ୧୧ଟି ଜଳାଶୟ/ ବନ୍ଧକଟାର ପୁନଃରୁଦ୍ଧାର କାମ ଚାଲୁରହିଛି । ନିର୍ବାଚନ ସମୟରେ ବିଧାୟକ କଳିକେଶ ନାରାୟଣ ସିଂଦେଓ ସହରର ଜଳାଶୟର ପୁନଃରୁଦ୍ଧାର ପାଇଁ ପ୍ରତିଶୃତି ଦେଇଥିଲେ ଯାହାକି ଆଜି ପୂରଣ ହେବାକୁ ଯାଉଛି । ପ୍ରାୟ ୧୪କୋଟି ଟଙ୍କାର ଅନୁଦାନରେ ମାଟି ଉନ୍ନତିକରଣ କାମ ଚାଲୁଛି । ଯୁଦ୍ଧକାଳିନ ଭିତ୍ତିରେ ଏହି କାମଗୁଡିକ ଚାଲିଛି । ମାଟିକାମ ପରେ ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ ହେବ । ସହରକୁ ଭିନ୍ନରୂପ ଦେବାକୁ ପ୍ରଚେଷ୍ଟା ଚାଲିଛି । ପୌରପାଳିକାର ଅଧିକାରୀ,କର୍ମଚାରୀଗଣ ଓ



କାଉନସିଲରଗଣ ପୂର୍ଣ୍ଣପ୍ରାଣରେ ଏହାକୁ ସଫଳ କରିବାକୁ ପରିଶ୍ରମ କରୁଛନ୍ତି । ଏହି ବିକାଶରେ ସହରର ସବୁ ବର୍ଗା ଲୋକ ସହଯୋଗ କରନ୍ତୁ ବୋଲି ପୌରାଧକ୍ଷା ଲିକା ସାହୁ କହିଛନ୍ତି । ବନ୍ଧକଟା ଗୁଡିକର ପୁନଃରୁଦ୍ଧାର ପାଇଁ ପୌରପାଳିକା ଏକ ଐତିହାସିକ ପଦକ୍ଷେପ ନେଇଛି ।ଜୁନ୍ ୧୫ ପର୍ଯ୍ୟନ୍ତ ମାଟିଉନ୍ନତିକରଣ କରାଯିବ । ମାଟିକାମକୁ ସ୍ୱଚ୍ଛତା ପୂର୍ବକ କରି ପୂର୍ଣ୍ଣଭାବରେ ସାରିବାକୁ ଚେଷ୍ଟା କରାଯାଉଛି । ଆଜି ବିରୋଧୀ ଦଳ ମାନେ ଦୁର୍ନିତୀ ଅଭିଯୋଗ ଆଣି ଲୋକଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି । ସେଥିପାଇଁ ବଲାଙ୍ଗିରର ଶହଶହ ମହିଳା ଆସି ସେମାନଙ୍କୁ ଉଚିତ ଜବାବ ଦେଇଛନ୍ତି । ବଲାଙ୍ଗୀର ପୌରପାଳିକାର ଉପାଧକ୍ଷା ଗାୟତ୍ରୀ ଭୋଇ,କାଉନସିଲର ଶମ୍ଭୁ ନାଗ,ଇରସାଦ ଆରାଖାନ,ଶତୃଘ୍ନ ନାଗ,ନନ୍ଦନୀ ପୋଢ,ଲଲାଟେନ୍ଦୁ ପଟ୍ଟନାୟକ,ଫିଂକି କବାଟ, ମୁନା ଖାଁ, ସନ୍ତୋଷ ଦନ୍ତା, ସତ୍ୟ ନାୟକ,ସଚିନ ନନ୍ଦ, ବିଭୂତି ଭୂଷଣ ମିଶ୍ର ପ୍ରମୁଖଙ୍କ ସହିତ ବହୁସଂଖ୍ୟାରେ ବିଜେଡିକର୍ମି ସାମିଲ ହୋଇଥିଲେ ।

### ଅଭିଯୋଗରୁ ପ୍ରଶଂସା ପର୍ଯ୍ୟନ୍ତ

# ଗ୍ରାମବାସୀଙ୍କ ଉଦ୍ୟମରେ ସୁନ୍ଦର ଗାଧୁଆ ଘାଟ ନିର୍ମାଣ

ଆମ୍ବାଭୋନା, (ସବ୍ୟୁ): ବରଗଡ଼ ଜିଲ୍ଲା ଆମ୍ବାଭୋନା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ସରକାରୀ ଅନୁଦାନ ଓ ଗ୍ରାମବାସୀଙ୍କ ସାମୂହିକ ଉଦ୍ୟମରେ ଆଦିବାସୀ ସମ୍ପ୍ରଦାୟଙ୍କ ପାଇଁ ଏକ ସୁନ୍ଦର ଗାଧୁଆ ଘାଟ ନିର୍ମାଣ ହୋଇଛି । ଗ୍ରାମଟିରେ ପ୍ରାୟତଃ ଆଦିବାସୀ ଓ ହରିଜନ ସମ୍ପ୍ରଦାୟର ଲୋକ ବସବାସ କରୁଥିବା ବେଳେ ମୁଣ୍ଡା ସମ୍ପ୍ରଦାୟ ପାଇଁ ଏକ ସ୍ଥାୟୀ ଗାଧୁଆ ଘାଟର ଆବଶ୍ୟକତା ଦୀର୍ଘ ଦିନ ଧରି ଅନୁଭୂତ ହେଉଥିଲା ।ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ବୁଙ୍ଗାପାଲି ସରପଞ୍ଚ ସୁବାସ ବେହେରାଙ୍କ ସହ ଯୋଗାଯୋଗ କରିଥିଲେ । ପରେ ଗ୍ରାମ ପଞ୍ଚାୟତ ପକ୍ଷରୁ ପଞ୍ଚଦଶ କେନ୍ଦ୍ରୀୟ ଆର୍ଥିକ ଆୟୋଗ ଅନୁଦାନ (୨୦୨୫-୨୬) ଅଧୀନରେ ୧ ଲକ୍ଷ ୪୦ ହଜାର ୨୫୬ ଟଙ୍କା ମଞ୍ଜୁର କରାଯାଇଥିଲା । ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ କେତେକ ଗଣମାଧ୍ୟମରେ ନିମ୍ନମାନର କାର୍ଯ୍ୟ ଓ ଅନିୟମିତତା ଅଭିଯୋଗ ଉଠିଥିଲା । ଏହା ପରେ ବ୍ଲକ ପ୍ରତିନିଧି ଘଟଣାସ୍ଥଳ



ପରିଦର୍ଶନ କରି ସରପଞ୍ଚ ଓ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ପରବର୍ତ୍ତୀ ସମୟରେ ଗୋବିନ୍ଦପୁର ଓ୍ୱାର୍ଡ ସଭ୍ୟା କୈଳାସିନୀ ଛତ୍ରିଆଙ୍କ ଉଦ୍ୟମରେ ଗ୍ରାମରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ଗ୍ରାମବାସୀମାନେ ଗାଧୁଆ ଘାଟର କାର୍ଯ୍ୟକୁ ନିଜ ତ%୦ାବଧାନରେ ସମ୍ପନ୍ନ କରିବା ସହ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ସଦସ୍ୟ ଶ୍ରମଦାନ କରିବାକୁ ନିଷ୍ପତ୍ତି ନେଇଥିଲେ । ଗ୍ରାମବାସୀଙ୍କ ଶ୍ରମଦାନ ଫଳରେ ଗାଧୁଆ ଘାଟ ଚାରିପାଖରେ ଥିବା ଖାଲ ସ୍ଥାନଗୁଡ଼ିକୁ ମାଟି ପକାଇ ସମତଳ କରାଯାଇଛି । ଗ୍ରାମବାସୀଙ୍କ ସହଯୋଗ ଓ ନିଷ୍ଠାରେ ନିର୍ମିତ ଏହି ଗାଧୁଆ ଘାଟ ଯୋଜନାର ମୂଳ ଆକାରଠାରୁ ଅଧିକ ସୁନ୍ଦର ଓ ଉପଯୋଗୀ ହୋଇପାରିଛି । ଏହି ଉଦାହରଣୀୟ ପଦକ୍ଷେପକୁ ବୁଙ୍ଗାପାଲି ସରପଞ୍ଚ ସୁବାସ ବେହେରା ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରିଣୀ ତରାସ ଭୁଏ ସ୍ୱାଗତ କରିଛନ୍ତି । ସେମାନେ ଅନ୍ୟ ଗ୍ରାମବାସୀଙ୍କୁ ମଧ୍ୟ ନିଜ ଗ୍ରାମର ବିକାଶ କାର୍ଯ୍ୟରେ ସକ୍ରିୟ ଭାବେ ଅଂଶଗ୍ରହଣ କରି କାର୍ଯ୍ୟର ଗୁଣବତ୍ତା ଓ ମାନ ବଜାୟ ରଖିବାକୁ ଆହ୍ୱାନ ଜଣାଇଛନ୍ତି । ଅନ୍ୟପକ୍ଷରେ, ପୂର୍ବରୁ ସୂଚନା ଫଳକକୁ ଠିକ୍ ଭାବେ ଯାଞ୍ଚ ନ କରି କେତେକ ଗଣମାଧ୍ୟମରେ ଏହି ଉନ୍ନୟନ ମୂଳକ କାର୍ଯ୍ୟ ବିରୋଧରେ ଭୁଲ ସୂଚନା ପ୍ରକାଶ ପାଇଥିବା ନେଇ ଗ୍ରାମବାସୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ବ୍ଲକ ପ୍ରଶାସନ ମଧ୍ୟ ସ୍ଥଳ ପରିଦର୍ଶନ ପରେ ନିର୍ମାଣ କାର୍ଯ୍ୟରେ କୌଣସି ପ୍ରକାର ତ୍ରୁଟି ନଥିବା ଓ ଠିକାଦାରଙ୍କ ପକ୍ଷରୁ କୌଣସି ଅବହେଳା ହୋଇନଥିବା ସ୍ପଷ୍ଟ କରିଛନ୍ତି ।

## ବସ ଦୁର୍ଘଟଣା ଜଣେ ଗୁରୁତର

କୁଚିଣ୍ଡା,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ କୁଚିଣ୍ଡା ଥାନା ଅଧିନସ୍ଥ କତରକେଲା ଗ୍ରାମ ବଜାର ଛକ କିଶୋର ଚନ୍ଦ୍ର ପଟେଲଙ୍କ ଘର ସମ୍ମୁଖରେ ଥିବା ଏକ ଆମ୍ବ ଗଛକୁ ଭାରସାମ୍ୟ ହରାଇ ପିଟି ହୋଇଥିବା ଯୋଗୁଁ ମୁଖ୍ୟମନ୍ତ୍ରୀ ବସ ଦୁର୍ଘଟଣା ଘଟି ବସରେ ଥିବା ପ୍ରାୟ ୧୭ ଜଣ ଯାତ୍ରୀଙ୍କ ମଧ୍ୟରୁ ଡ୍ରାଇଭର, କଣ୍ଡକଟର ସହିତ ଜଣେ ଯାତ୍ରୀ ଆହତ ହୋଇଥିବା ବେଳେ ଅନ୍ୟମାନେ ସାମାନ୍ୟ ଆହତ ହୋଇଛନ୍ତି । ଗୁରତର ଆହତଙ୍କୁ ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ଲୋକମାନେ କୁଚିଣ୍ଡା ଡାକ୍ତରଖାନାକୁ ପଠାଇ କୁଚିଣ୍ଡା ପୋଲିସ କୁ ଖବର ଦେଇଥିଲେ । ଗୁରୁତର ଥିବା ଜଣେ ଯାତ୍ରୀ ଙ୍କ ଅଣ୍ଟା ଭାଙ୍ଗିଯାଇଥିବା ଉଦ୍ଧାର କାରି ଜନ ସାଧାରଣ ପ୍ରକାଶ କରୁଥିବା ବେଳେ ଡ୍ରାଇଭରଙ୍କ ଛାତିରେ ଏବଂ ମୁଣ୍ଡରେ ଆଘାତ ହୋଇଥିବା ଲୋକେ ପ୍ରକାଶ କରିଛନ୍ତି । କୁଚିଣ୍ଡା ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା କୁଚିଣ୍ଡା ଆଇ ଆଇ ଶୀ ରାଧାକାନ୍ତ ବାରିକ ପ୍ରକାଶ କରିଛନ୍ତ ।

## କଫ ସିରଫ ଓ ନିଶା ବଟିକା ଜବତ, ଜଣେ ଗିରଫ

ପଦ୍ମପୁର,(ସବ୍ୟୁ): ପଦ୍ମପୁର ଉପଖଣ୍ଡରେ ନିଶା କାରବାର ବିରୋଧରେ ପୋଲିସର ଚଢ଼ାଉ ଜାରି ରହିଥିବା ବେଳେ ମେଲଛାମୁଣ୍ଡା ପୋଲିସ ଏକ ବଡ଼ ସଫଳତା ହାସଲ କରିଛି । ଭୁବନେଶ୍ୱରରୁ ପାଇକମାଲ ଅଞ୍ଚଳକୁ ବେଆଇନ ଭାବେ କଫ ସିରଫ ଓ ନିଶା ବଟିକା ଚାଲାଣ ହେଉଥିବା ସୂଚନା ପାଇ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ନିଷିଦ୍ଧ ସାମଗ୍ରୀ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ମେଲଛାମୁଣ୍ଡା ଥାନା ଆଇଆଇସି ମନୋହର ଚନ୍ଦ୍ର ପ୍ରଧାନଙ୍କୁ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା ଯେ ଏକ ନୀଳ ରଙ୍ଗର ମାରୁତି କାର ଯୋଗେ ବେଆଇନ କଫ ସିରଫ ଓ ନିଶା ବଟିକା ପରିବହନ କରାଯାଉଛି । ସୂଚନା ପାଇବା ପରେ ସେ ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀ ପାଣ୍ଡବ ଶବରଙ୍କ ନିର୍ଦ୍ଦେଶକ୍ରମେ ଘେଁସ ଛକ ନିକଟ ବିଜୁ ଏକ୍ସପ୍ରେସ ୱେରେ ପୋଲିସ ଟିମ ସହ ଯାଞ୍ଚ ଆରମ୍ଭ କରିଥିଲେ । ଏହି ସମୟରେ ସନ୍ଦିଗ୍ଧ କାରଟି ସୋହେଲା ପଟରୁ ଦ୍ରୁତ ଗତିରେ ଆସୁଥିବା ଦେଖି ପୋଲିସ ଅଟକାଇବାକୁ ସଙ୍କେତ ଦେଇଥିଲା । କିନ୍ତୁ ଚାଳକ ଗାଡ଼ି ଅଟକାଇବା ପରିବର୍ତ୍ତେ ଅଧିକ ଗତିରେ ଯିବାକୁ ଚେଷ୍ଟା କରିଥିଲେ । ଫଳରେ ଗାଡ଼ିଟି ରାସ୍ତା ଡିଭାଇଡରରେ ଧକ୍କା ହୋଇ ଆଗ ଓ ପଛ କାଚ ଭାଙ୍ଗିଯାଇଥିଲା । ପରେ ପୋଲିସ ଗାଡ଼ିକୁ ଘେରାଉ କରି ଚାଳକଙ୍କୁ କାବୁ କରିଥିଲା । ଗିରଫ ଅଭିଯୁକ୍ତ ଜଣକ ପାଇକମାଲ ଥାନା ଅନ୍ତର୍ଗତ ବନମାଲ ଗ୍ରାମର ଶୋଭା ଚନ୍ଦ୍ର ସାହୁ ଓରଫ ସରୋଜ ସାହୁ (୩୦) ବୋଲି ଜଣାପଡ଼ିଛି । ପଚରାଉଚରା ବେଳେ ସେ ପଦ୍ମପୁର ଅଞ୍ଚଳରେ ବିକ୍ରି ଉଦ୍ଦେଶ୍ୟରେ କଫ ସିରଫ ଓ ବଟିକା ନେଇ ଯାଉଥିବା ସ୍ୱୀକାର କରିଥିଲେ । ପୋଲିସ ଗାଡ଼ିର ଡିକି ଯାଞ୍ଚ କରିବାରୁ ୪ ଗୋଟି କାର୍ଟନରେ ରହିଥିବା ୪୮୦ ବୋତଲ କଫ ସିରଫ ଏବଂ ୯୦୦୦ ଗୋଟି ଟାବଲେଟ ଜବତ କରିଥିଲା । ଯାହାର ଆନୁମାନିକ ମୂଲ୍ୟ କୋଡିଏ



ଲକ୍ଷ ହେବ ବୋଲି ପଦ୍ମପୁର ଉପଖଣ୍ଡପୋଲିସ ଅଧିକାରୀ ପାଣ୍ଡବ ଶବର ସୂଚନା ଦେଇଛନ୍ତି । ଏହାଛଡ଼ା ଏକ ଭିଭୋ ମୋବାଇଲ ଫୋନ, ୨୩୦୦ ଟଙ୍କା ନଗଦ ଓ ବ୍ୟବହୃତ ମାରୁତି କାରକୁ ମଧ୍ୟ ଜବତ କରାଯାଇଛି । ଏହି ଘଟଣାକୁ ନେଇ ମେଲଛାମୁଣ୍ଡା ଥାନାରେ କେସ ନଂ- ୮୧/୨୦୨୬ ରୁଜୁ କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଓ ଏନଡିପିଏସ ଆକଟ ଅନୁଯାୟୀ ମାମଲା ରୁଜୁ ହୋଇଛି । ପୋଲିସ ସୂଚନା ଅନୁସାରେ, ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ୍ୟ ଏକ ସମାନ ପ୍ରକାରର ମାମଲା ରହିଛି ।

# ମଣ୍ଡିରେ ଧାନ ବିକ୍ରି ନେଇ ଚାଷୀ ଅସନ୍ତୋଷ, ଆନ୍ଦୋଳନ ପାଇଁ ସଜବାଜ



ଧର୍ମଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅଧିନସ୍ଥ ବୋଡ଼େନ ଧାନ ମଣ୍ଡିରେ ଶନିବାର ଚାଷୀଙ୍କ ଧାନ ବିକ୍ରିକୁ ନେଇ ଅସନ୍ତୋଷ ଦେଖା ଦେଇଛି । ସୂଚନା ଅନୁଯାୟୀ ଚଳିତ ବର୍ଷ ରବି ଋତୁ ରେ ହେବାକୁ ଥିବା ଧାନ ମଣ୍ଡି ରେ ଗତ ୨୮ ମଇରୁ ମଣ୍ଡି ଚାଲୁ ଅଛି ସତ ହେଲେ ଏଯାବତ ଜୁନ ୧ତାରିଖ ଟୋକନ ଧରି ଚାଷୀଙ୍କ ଧାନ ଉଠା ଯାଇ ନ ଥିବା ଅଭିଯୋଗ ହୋଇଛି । ଚାଷୀଙ୍କ କହିବା ଅନୁସାରେ ମଣ୍ଡି ଅଧିକାରୀ ମିଲର୍ସ ଗାଡି ପଠାଉନାହାନ୍ତି ବୋଲି କହୁଛନ୍ତି, ହେଲେ ଏହି ମଣ୍ଡି ରେ ମଣ୍ଡି ଅଧିକାରୀଙ୍କ ସୂଚନା ଅନୁସାରେ କିଣିବା କ୍ଷମତା ୮୪୦୦ କ୍ୱିଣ୍ଟାଲ, ୧୧୧ଚାଷୀ ଟୋକାନ ପାଇଛନ୍ତି । ଏ ପର୍ଯ୍ୟନ୍ତ ୧୦ଚାଷୀଙ୍କ ଧାନ, ୬୪୫.୫୮ କ୍ୱିଣ୍ଟାଲ ଧାନ ଉଠା ଯାଇଛି । ବର୍ତମାନ ୧୦୧ ଚାଷୀଙ୍କ ଧାନ କିଣା ତଥା ୭୪୦୩ କ୍ୱିଣ୍ଟାଲ ଧାନ କିଣିବା ବାକି ଥିବା ସୂଚନା ମିଳିଛି । ମିଲର୍ସଙ୍କ ଗାଡି ନ ଆସିବା ଏବଂ ଆଗାମୀ ଦିନରେ ମିଲରଙ୍କ ଆନ୍ଦୋଳନ ହେବାକୁ ଥିବା ସୋସିଆଲ ମିଡ଼ିଆରେ ପ୍ରସାରିତ ହେବା ପରେ ଚାଷୀ ଚିନ୍ତାରେ ପଡିଯାଇଛନ୍ତି । ଯଦି ଠିକ ସମୟରେ ଧାନ ମଣ୍ଡି ଉଠି ପାରିବନି ତେବେ ଆଗକୁ ବର୍ଷା ମାଡ଼ ସହ ଗୁଳୁଗୁଳିରେ ଚାଷୀ ଧାନ ଖଳାରେ ହଇରାଣ ହେବା ସହ ଧାନ ନଷ୍ଟ ହେବ । ଏ ନେଇ ଚାଷୀ ନେତା ଭବାନୀ ଶଙ୍କର ବଣିଆଙ୍କ ନେତୃତ୍ୱରେ ଚେତାବନୀ ଦେଇଛନ୍ତି । ବୋଡ଼େନ ମଣ୍ଡିର ଧାନ ଯଦି ଠିକ ସମୟରେ ବିକ୍ରି ନ ହୁଏ ତେବେ ଆଗାମୀ ଦିନରେ ଧାନ ସହ ସମସ୍ତ ଚାଷୀ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଉକ୍ତ ମଣ୍ଡିରେ ବହୁ ସଂଖ୍ୟାରେ ଚାଷୀ ଉପସ୍ଥିତ ହୋଇ ସମର୍ଥନ ଜଣାଇ ଥିଲେ ।

# ଫ୍ଲାଏ ଆସ ନିର୍ମିତ ଘର ଭାଙ୍ଗିଲା ଠିକାଦାର

ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ଜିଲ୍ଲା ଭାତଲଇଡା ଗ୍ରାମପଞ୍ଚାୟତରେ ସରକାରୀ ନିର୍ମାଣ କାର୍ଯ୍ୟରେ ଫ୍ଲାଏ ଆସ୍ (ପାଉଁଶ) ବ୍ୟବହାର, ନିମ୍ନମାନର କାମ ଓ ସରକାରୀ ଅର୍ଥର ଅପବ୍ୟବହାର ନେଇ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଦାଖଲ ହେବା ପରେ ପ୍ରଶାସନିକ ମହଲରେ ହଇଚଇ ସୃଷ୍ଟି ହୋଇଛି । ପ୍ରତିଫଳନ ସ୍ୱରୂପ ଶନିବାର ଭାତଲଇଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଫ୍ଲାଏ ଆସ୍ ବ୍ୟବହାର କରି ନିର୍ମିତ ଏକ ଘରକୁ ଠିକାଦାର ଜେସିବି ଲଗାଇ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି । ଗତ କିଛି ଦିନ ଧରି ଭାତଲଇଡା ଗ୍ରାମପଞ୍ଚାୟତରେ ଚାଲିଥିବା ବିଭିନ୍ନ ସରକାରୀ ପ୍ରକଳ୍ପରେ ବାଲି ବଦଳରେ ଫ୍ଲାଏ ଆସ୍ ବ୍ୟବହାର କରାଯାଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ ଆଣିଥିଲେ । ଏହି ଅଭିଯୋଗକୁ ନେଇ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ଭେଟି ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ । ଅଭିଯୋଗରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଭବନ, ମୁଣ୍ଡାଟିକ୍ରା ଓ ଖଜୁରୀମୁଣ୍ଡା ଗାର୍ଡଓ୍ୱାଲ୍, ଦେମୁଲ ଅଞ୍ଚଳରେ ନିର୍ମିତ ଘର ଏବଂ ସାପ୍ତାହିକ ହାଟର ବିଭିନ୍ନ ନିର୍ମାଣ କାର୍ଯ୍ୟରେ ଅନିୟମିତତା ହୋଇଥିବା ଉଲ୍ଲେଖ ଥିଲା । ପ୍ରଶ୍ନ ଉଠୁଛି, ଯଦି ନିର୍ମାଣରେ ପ୍ରକୃତରେ ନିୟମ ଉଲ୍ଲଂଘନ ହୋଇଥିଲା, ତାହେଲେ କେବଳ ଗୋଟିଏ ଘରକୁ ଭାଙ୍ଗି ଦିଆଯିବା ପଛରେ ଉଦ୍ଦେଶ୍ୟ କଣ । ଅଭିଯୋଗରେ ଉଲ୍ଲେଖ ଥିବା ଅନ୍ୟ ଗାର୍ଡଓ୍ୱାଲ୍, ଘର ଓ ପ୍ରକଳ୍ପ ଗୁଡ଼ିକର ସ୍ଥିତି କଣ । ସେଗୁଡ଼ିକର ମଧ୍ୟ ତଦନ୍ତ ହେବ କି ନାହିଁ, ତାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି ।

# ବଚସାରୁ ମାଡ଼, ମୃତ୍ୟୁବରଣ କଲେ ରଞ୍ଜନ

କଲମପୁର,(ସବ୍ୟୁ): କଲମପୁର ଥାନା ବଡ଼କୁଟୁରୁ ଠାରେ ଘଟିଛି ଏକ ଦୁଃଖଦ ଘଟଣା । ଯାହାକି ମୃତକ ପରିବାର ସମେତ ଅଞ୍ଚଳରେ ଶୋକର ବାତାବରଣ ଲାଗିରହିଛି । କିଛି ଯୁବକ ଜନୈକ ବ୍ୟକ୍ତିଙ୍କ ଘରେ ମଦ ପିଇ ସାରିବା ପରେ ଯିବାପୂର୍ବରୁ ତାଙ୍କ ମୋବାଇଲ ଫୋନ ଛାଡ଼ି ଦେଇ ଫେରିଥିଲେ । ପୁଣି ଆସି ଫୋନ ମାଗିଲା ବେଳେ ତାଙ୍କ ଭିତରେ ବଚସା ତୀବ୍ର ହୋଇଥିଲା । ସେଇ ସମୟରେ ରଞ୍ଜନ ନାୟକ ଯାଉଥିଲେ । ପାଟିତୁଣ୍ଡ ଶୁଣି କାହିଁକି ଝଗଡ଼ା ହେଉଛ ଫୋନ ଦେଇଦିଅ ବୋଲି କହିବାରୁ ସେମାନଙ୍କ ଝଗଡ଼ା ରଞ୍ଜନ ମଧ୍ୟରେ ଆରମ୍ଭ ହୋଇଗଲା । ସୁରଜିତ ମାଝୀ ନାମକ ଜଣେ ବ୍ୟକ୍ତି ରଞ୍ଜନକୁ ଆକ୍ରମଣ କଲା । ରଞ୍ଜନ ତଳେ ପଡ଼ିଯାଇଥିଲେ । ପରେ ମଧ୍ୟ ଲାତ ମାରି ତାଙ୍କୁ ଗୁରୁତର କରିଦେଲେ । ତାଙ୍କୁ ସେଠାରୁ ଗୁରୁତର ଅବସ୍ଥାରେ କଲମପୁର ଡାକ୍ତରଖାନା ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କ ଚିକିତ୍ସା କରିବାସହ ଗୁରୁତର ହେତୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲେ । ଭବାନୀପାଟଣାରେ ତାଙ୍କ ମୃତ୍ୟୁ ହୋଇଥିବା ପୋଲିସ ସୂତ୍ରରୁ ଜଣାପଡିଛି । ତାଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ଏନେଇ ବଡ଼ କୁଟୁରୁ ଫାଣ୍ଡି ଅଧିକାରୀ ଅସିତ ପଣ୍ଡା ଏକ ମାମଲା ରୁଜୁ କରି ସୁରଜିତକୁ ଅଟକ ରଖି କଲମପୁର ଥାନା ପକ୍ଷରୁ ଅଧିକ ତଦନ୍ତ ଜାରି ରଖିଥିବା ପ୍ରକାଶ କରିଛନ୍ତି ।

# ବିଭିନ୍ନ ସମସ୍ୟା ଦେଇ ଗତି କରୁଛି ଦ୍ୱାରସେନୀ ମନ୍ଦିର ପଡା

ବଙ୍ଗୋମୁଣ୍ଡା,(ସବ୍ୟୁ): କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ନେଇ ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବ କ୍ଷେତ୍ରରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଗ୍ରାମାଞ୍ଚଳରେ ଅନେକ ସମସ୍ୟା ଲାଗି ରହିଛି । ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ କପିଲାଭଟା ଗ୍ରାମ ପଞ୍ଚାୟତ ମୁଖ୍ୟାଳୟରେ ଥିବା ଦ୍ୱାରସେନୀ ମନ୍ଦିର ପଡାରେ ବିଭିନ୍ନ ସମସ୍ୟା ଲାଗିରହିଛଇ । ଏହି ପଡାକୁ ଆଜି ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ଟିଏ ନ ଥିବାରୁ ପଡାବାସୀ ମାନେ ବର୍ଷା ଦିନରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗତ କିଛି ବର୍ଷ ପୂର୍ବେ ମନରେଗା ଯୋଜନାରେ ମାଟି କାମ ହୋଇଥିବା ବେଳେ ବର୍ଷା ଦିନ ଆସିଲେ ଆ଼ୁଏ ପାଣି ଜମା ହୋଇଥାଏ ବୋଲି ପଡାବାସୀ ଅଭିଯୋଗ କରିଛନ୍ତି । ଷ୍ଟ୍ରିଟ ଲାଇଟ ମଧ୍ୟ ଲାଗି ନ ଥିବାରୁ ପଡାବାସୀ ଅନ୍ଧାରରେ ରହୁଥିବା ଅଭିଯୋଗ ହେଉଛି । ଏହି ରାସ୍ତାରେ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମାଁ ଦ୍ୱାରସେନୀ ମନ୍ଦିର ,ମାଁ ସାହାଜୀକଟେନଙ୍କ ମନ୍ଦିର ଥିବା ବେଳେ ରାସ୍ତା କଂକ୍ରିଟ କରିବା ପାଇଁ ଅନେକ ଥର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପ୍ରକାର ପଦକ୍ଷେପ ନିଆ ନ ଯାଇ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

ଏହି ପଡା ରେ ୨୫ ଅଧିକ ପରିବାର ରହୁ ଥିବା ବେଳେ କାହାର ମଧ୍ୟ ନଜର ପଡି ପାରିନାହିଁ । ଖାଲି ନିର୍ବାଚନ ଆସିଲେ ନେତା ମନ୍ତ୍ରୀ ମାନେ ଆସି ବିଭିନ୍ନ ପ୍ରତିଶ୍ରୁତି ଦେଇଥାନ୍ତି ହେଲେ ନିର୍ବାଚନ ସାରିଲେ ଆଉ ସେମାନଙ୍କ ଦେଖା ମିଳେ ନାହିଁ ବୋଲି ପଡା ବାସୀ ଅଭିଯୋଗ କରିଛନ୍ତି । ଓ୍ୱାର୍ଡ ମେମ୍ବର ଠାରୁ ଆରମ୍ଭ କରି ସରପଞ୍ଚ ଙ୍କ ଠାରେ ହାରି ଗୁହାରି କରିଥିଲେ ମଧ୍ୟ କେହି ଧ୍ୟାନ ଦେଉନାହାନ୍ତି । ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଠାରୁ ବିଡ଼ିଓଙ୍କ ଠାରେ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କେହି ଧ୍ୟାନ ଦେଉନାହାନ୍ତି । ଏ ସଂପର୍କ ରେ ବଙ୍ଗୋମୁଣ୍ଡା ବିଡ଼ିଓ ନିତୁଶ୍ରୀ ମେହେରଙ୍କୁ ଯୋଗା ଯୋଗ କରିବାରୁ ,ଆଗାମୀ ଦିନ ରେ ରାସ୍ତାକୁ କଂକ୍ରିଟ କରାଯିବ ଏବଂ ବିଦ୍ୟୁତ ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ । ତୁରନ୍ତ ଜିଲ୍ଲା ଓ ବ୍ଲକ ପ୍ରଶାସନ ଦୃଷ୍ଟି ଏହି ରାସ୍ତାକୁ କଂକ୍ରିଟ ସହ ପଡାକୁ ଆଲୋକୀକରଣ କରିବା ପାଇଁ ପଡାବାସୀ ଦାବି କରିଛନ୍ତି । ଆଗାମୀ ଦିନରେ ସମସ୍ୟା ର ସମାଧାନ କରାନଗଲେ କପିଳାଭଟା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି ।

# କଫ ସିରଫ ଜବତ, ୪ ଗିରଫ

ଏସ୍ -ରାମପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ରାମପୁର ପୋଲିସ ଶନିବାର ଗଜବନ୍ଧ ଛକରୁ ୩୦ଟା କଫ ସିରଫ ସହିତ ୨୯୨୯୫୦ଟଙ୍କା ଜବତ କରି ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ରାମପୁର ଆଇ ଆଇ ସି ବିନୋଦିନୀ ବରିହା ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତ ମାନେହେଲେ ଗଜବନ୍ଧ ଗ୍ରାମର କେଶବ ବେହେରା (୧୯) ଢୁଙ୍ଗୁରିପାଲି ର ବରିଷ୍ଟ ମେହେର (୨୦),ପ୍ରମୋଦ ମେହେର (୨୩)ଓ ଅନ୍ଧାରିବାଞ୍ଜି ଗଜବନ୍ଧ ଛକ ର ସଚିତା ସାହୁ( ୨୧) । ତାଙ୍କଠାରୁ ୩୦ଟା କଫସିରଫ , ୨୯୨୯୫୦ ନଗଦ ଟଙ୍କା, ଏକ ବଜାଜ ବାଇକ,୫ଟି ମୋବାଇଲ ଓ କେଶବ ବେହେରା ଙ୍କ ନାମରେ ଥିବା ଏକ ଏ ଟି ଏମ କାର୍ଡ ଜବତ ହୋଇଥିବା ସୂଚନା ମିଳିଛି ।

# ଭାଜପାର ମଣ୍ଡଳ ସ୍ତରୀୟ ସାଙ୍ଗଠନିକ ବୈଠକ



ଖପ୍ରାଖୋଲ,(ସବ୍ୟୁ): ସ୍ଥାନୀୟ ଭାଜପା କାର୍ଯ୍ୟାଳୟ ଠାରେ ମଣ୍ଡଳ ସ୍ତରୀୟ ସାଙ୍ଗଠନିକ ବୈଠକ ମଣ୍ଡଳ ସଭାପତି ଉମାକାନ୍ତ ପ୍ରଧାନଙ୍କ ଅଧକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଥିଲା । ବୈଠକରେ ପ୍ରଥମେ ଭାରତ ମାତା ଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ସହିତ ବନ୍ଦେମାତରମ୍ ଗାନ କରାଯାଇଥିଲା । ବୈଠକରେ ସଙ୍ଗଠନକୁ ସୁଦୃଢ଼ କରିବା ସହିତ ଦଳୀୟ ନିର୍ଦ୍ଦେଶ ଅନୁସାରେ ବୁଥ ସ୍ତରୀୟ କାର୍ଯ୍ୟକ୍ରମ ଏସଆଇଆର୍ ଭୋଟର ତାଲିକା ସଂଶୋଧନ ବେଳେ ତଦାରଖ, ପ୍ରଧାନ ମନ୍ତ୍ରୀଙ୍କ ମନ କି ବାତ୍ କାର୍ଯ୍ୟକ୍ରମକୁ ଶୁଣିବା, ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ଆଲୋଚନା ହୋଇଥିଲା । ଏହି ଅବସରରେ ରେ ଜିଲ୍ଲା ପ୍ରତିନିଧି ପ୍ରଶାନ୍ତ କୁମାର ମେହେର, ମଣ୍ଡଳ ସାଧାରଣ ସମ୍ପାଦକ ସୁଦୀପ ପ୍ରଧାନଙ୍କ ସମେତ ସମସ୍ତ କାର୍ଯ୍ୟାଳୟ ପରିଚାଳକ ଏବଂ ସକ୍ରିୟ କାର୍ଯ୍ୟ କର୍ତା କର୍ଣ୍ଣ ସିଂ ଠାକୁର , ପଦ୍ମ କୁମାର ସିଂ ବରିହା ପ୍ରମୁଖ ଶତାଧିକ ଦଳୀୟ ସକ୍ରିୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଅସଜଡ଼ା ଟ୍ରାଫିକ ବ୍ୟବସ୍ଥାକୁ ଅମାନିଆ ଚାଳକ

ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ସହର ମଧ୍ୟ ଭାଗରେ ଏକ ଛକ ରହିଛି । ଯେଉଁ ଛକ ଅତିକ୍ରମ କରି ଯାନବାହନ ପଡୋଶୀ ଜିଲ୍ଲା ନବରଙ୍ଗପୁର, କଳାହାଣ୍ଡି,ଅନ୍ୟପଟେ କୋଟପାଡ଼ ,ଜୟପୁର ଓ ବି ସିଂପୁରକୁ ଯାତାୟାତ କରିବାକୁ ପଡୁଛି । ତେବେ ଗତ କିଛି ଦିନ ହେଲା ବୋରିଗୁମ୍ମା ସହର ରେ ଟ୍ରାଫିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଭୁଶୁଡି ପଡିଛି । ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି ।

ବୋରିଗୁମ୍ମା ଛକରୁ ଗାଡି ଚାଳକ ମାନେ ଟ୍ରାଫିକ ପୋଲିସ ନ ଥିବାରୁ ସେମାନଙ୍କ ସୁବିଧା ଅନୁସାରେ ଯାତାୟାତ କରୁଛନ୍ତି । ଫଳରେ ପ୍ରତି ମୁହୂର୍ତ୍ତରେ ଛୋଟ ଛୋଟ ଦୁର୍ଘଟଣା ଘଟୁଥିବା ଦେଖାଯାଇଛି । ପୋଲିସ ଟ୍ରାଫିକ ର ନିୟମ ମୁତାବକ ଛକରେ ତିନି ଜଣ ଟ୍ରାଫିକ ପୋଲିସ ପ୍ରଥମ ପର୍ଯ୍ୟାୟରେ ସକାଳ ୮ ଟା ରୁ ଦିନ ୧୨ ଟା ,ଦ୍ୱିତୀୟ ପର୍ଯ୍ୟାୟରେ ଅପରାହ୍ନ ୪ ଟାରୁ ସନ୍ଧ୍ୟା ୮ ଟା ପର୍ଯ୍ୟନ୍ତ ମୃତୟନ ରହି ଟ୍ରାଫିକ କାର୍ଯ୍ୟ କରିବାର ନିୟମ ରହିଛି । ତେବେ ଗତ କିଛି ଦିନ ହେଲା ଟ୍ରାଫିକ ବ୍ୟବସ୍ଥା କହିଲେ ନ ସରେ । କେତେବେଳେ ଦୁଇ ଜଣ ପୋଲିସ ଛକରେ ମୃତୟନ ରହୁଛନ୍ତି ତ କେତେବେଳେ ଜଣେ ବି ରାହୁନାହାନ୍ତି । ଦିନ ୧୦ ଟା ହେଲେ ବି ଟ୍ରାଫିକ ପୋଲିସ ର ଦେଖାଦର୍ଶନ ନାହିଁ । ବୋରିଗୁମ୍ମାରେ ଅସଜଡ଼ା ଟ୍ରାଫିକ ବ୍ୟବସ୍ଥା କୁ ଅମାନିଆ ଚାଳକ । ପୋଲିସ ଥାନା ଛକକୁ ଲାଗି ରହିଥିବା ବେଳେ ଥାନା ଆଇଆଇସି ଅସଜଡ଼ା ଟ୍ରାଫିକ ବ୍ୟବସ୍ଥାକୁ ସଜାଡ଼ିବା ପାଇଁ ଜନସାଧାରଣ ଦାବି କରିଛନ୍ତି । ନିଜେ ଥାନା ଆଇଆଇସି ଟ୍ରାଫିକ ବ୍ୟବସ୍ଥାକୁ ଗୁରୁତ୍ୱ ଦେବା ସହ ତୁରନ୍ତ ସମୟ ଅନୁସାରେ ଛକ ରେ ତିନି ଜଣ ପୋଲିସ କର୍ମଚାରୀକୁ ମୃତୟନ କଲେ ଟ୍ରାଫିକ ବ୍ୟବସ୍ଥାର ସୁଧାର ଆସିପାରିବ ଏଥିରେ ସନ୍ଦେହ ନାହିଁ ।

# ଡୋଳାମଣି ସାହୁଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର



ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ମାଲଗାଁ ଗ୍ରାମପଞ୍ଚାୟତର କନ୍ଧ ବାନ୍ଦୋପଲା ନିବାସୀ ଡୋଳାମଣି ସାହୁ ୨୦୨୬ ପାଇଁ ପାଇଲେ ପ୍ରକୃତି ବନ୍ଧୁ ପୁରସ୍କାର । ସେ ଏକା ଧାରରେ ଜଣେ ଶିକ୍ଷକ, ସମାଜସେବୀ ଓ ପରୋପକାରୀ ବନ୍ଧୁ । ଦୀର୍ଘ ଦିନରୁ ସେ ପରିବେଶ ସୁରକ୍ଷା ପାଇଁ ସ୍ଥାନୀୟ ଯୁବକ ସଂଘ,ବନ ସୁରକ୍ଷା ସମିତି, ମହିଳା ସମିତି,ଏସଏଚଜି ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଂକୁ ନେଇ ପରିବେଶ ସୁରକ୍ଷା, ବୃକ୍ଷ ରୋପଣ, ବନ୍ୟ ପ୍ରାଣୀ ସୁରକ୍ଷା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ମାନ ଆୟୋଜନ କରି ଜନ ମାନସରେ ପରିଚିତ । ବର୍ତମାନ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଗୁଣପୁର ବିଦ୍ୟାଳୟରେ କାର୍ଯ୍ୟରତ । ଶିକ୍ଷାଦାନକୁ ପେଶା ଓ ପରିବେଶ ସୁରକ୍ଷାକୁ ନିଶା ବୋଲି ଚିନ୍ତାକରି ବଣ ପାହାଡ଼ ଘେରା ଥୁଆମୂଳ ରାମପୁର ବ୍ଲକ ର ବିଭିନ ଗ୍ରାମରେ ଜନ ସଚେତନତା ସଭା, ପଥ ପ୍ରାନ୍ତ ନାଟକ ଓ ଲିଫ୍‌ଲେଟ ବଣ୍ଟନ କାର୍ଯ୍ୟକ୍ରମ ମାନ ଆୟୋଜନ କରି ବର୍ଷ ତମାମ ଜନ ସାଧାରଣଙ୍କୁ ସଚେତନ ବାର୍ତ୍ତା ଦେବା ଜାରି ରଖିଥାନ୍ତି । ସ୍ଥାନୀୟ ଜଙ୍ଗଲ ଓ ପାଟିବେଶ ଓ ଜଳ ବାୟୁ ପରିବର୍ତନ ବିଭାଗ ର ଅଧିକାରୀ ଓ କର୍ମଚାରୀ ମାନଙ୍କ ସହ ଯୋଗରେ ବିଶ୍ୱ ବନ୍ୟପ୍ରାଣୀ ଦିବସ, ବିଶ୍ୱ ବନ ଦିବସ, ବିଶ୍ୱ ଧରିତ୍ରୀ ଦିବସ, ବିଶ୍ୱ ଜୈବ ବିଭିଧତା ଦିବସ ଓ ବିଶ୍ୱ ପରିବେଶ ଦିବସ ପରି ଜାତୀୟ ଓ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ମାନ ଆୟୋଜନ କରି କରଲାପଟ ଆଭାରଣ୍ୟ ଭିତରେ ଅବସ୍ଥିତ ଗ୍ରାମ ଗୁଡିକରେ ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ଜଙ୍ଗଲ ଓ ପରିବେଶ ବିଭାଗର ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି । ଶ୍ରୀ ସାହୁଙ୍କର ଏତାଦୃଶ ନିସ୍ୱାର୍ଥପର ସମାଜ ମଙ୍ଗଳ କାର୍ଯ୍ୟକ୍ରମକୁ ପ୍ରଶଂସା କରି ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଜିଲ୍ଲା ପରିବେଶ ସମିତି ଓ ଜିଲ୍ଲା ପ୍ରଶାସନ ଶ୍ରୀ ସାହୁଙ୍କୁ ଏକ ମାନ ପତ୍ର ସହ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଛନ୍ତି ।

# ସଫି ମଲ୍ ରୁ ୧ କ୍ୱିଣ୍ଟାଲ ପ୍ଲାଷ୍ଟିକ ଜବତ, ୨୫ ହଜାର ଜରିମାନା

ନୂଆପଡ଼ା,(ସବ୍ୟୁ): ଜିଲ୍ଲାକୁ ସମ୍ପୂର୍ଣ୍ଣ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ଏକ ବଡ଼ ଅଭିଯାନ । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶକ୍ରମେ 'ପିଙ୍କ ଏସୁପି ଟିମ୍' ପକ୍ଷରୁ ସହରର ପ୍ରସିଦ୍ଧ ଏମ ବି ମଲ୍ ସ୍ଥିତ ଶୁଭମ କେ ମାର୍ଟ ରେ ବ୍ୟାପକ ଚଢ଼ାଉ କରାଯାଇଛି । ଏହି ସ୍ୱତନ୍ତ୍ର ଅଭିଯାନରେ ମଲରୁ ବିପୁଳ ପରିମାଣର ନିଷିଦ୍ଧ ପ୍ଲାଷ୍ଟିକ ଜବତ କରାଯିବା ସହ ମୋଟା ଅଙ୍କର ଜରିମାନା ଆଦାୟ କରାଯାଇଛି । ଚଢ଼ାଉ ସମୟରେ ପିଙ୍କ ଟିମ୍ ପକ୍ଷରୁ ମଲର କୋଣ ଅନୁକୋଣକୁ ତନ୍ନ ତନ୍ନ କରି ଯାଞ୍ଚ କରାଯାଇଥିଲା । ୧ କ୍ୱିଣ୍ଟାଲ ରୁ ଅଧିକ ନିଷିଦ୍ଧ ଏକକ ବ୍ୟବହୃତ ପ୍ଲାଷ୍ଟିକ ବିକ୍ରୀ ପାଇଁ ମହଜୁଦ ରହିଥିବା ଦେଖିବାକୁ ମିଳିଥିଲା । ନିୟମ ଉଲ୍ଲଘଂନ ଅଭିଯୋଗରେ ୨୫,୦୦୦ ଟଙ୍କା ଜରିମାନା କରାଯାଇଛି । ଚଢ଼ାଉରେ ଜିଲ୍ଲାର ଅନେକ ବରିଷ୍ଠ ଅଧିକାରୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ଶିକ୍ଷାବିତ୍‌ଙ୍କୁ ସମ୍ବର୍ଦ୍ଧନା

ଜୟପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୟପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ବିଶିଷ୍ଟ ଶିକ୍ଷାବିତ ଏବିଇଓ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ଆୟୋଜିତ ସମାରୋହରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ ଭାଟି ଅଧ୍ୟକ୍ଷତା କରିଥିବା ବେଳେ ଅବସର ପ୍ରାପ୍ତ ବିଇଓ ପ୍ରେମ ନାରାୟଣ ପଣ୍ଡା, ଏବିଇଓ ତୋଫାନ ମାଝୀ, ଏବିଇଓ ମାଧବ ଚନ୍ଦ୍ର ପଣ୍ଡା, ଅବସର ପ୍ରାପ୍ତ ବିଆର୍ସିସି ସୁରେନ୍ଦ୍ର ମୋହନ ଯୋଶୀ, ବିଶ୍ୱନାଥ ପାଢ଼ୀ, ସାମ୍ବାଦିକ ଅର୍ଜୁନ ପଟ୍ଟନାୟକ, ବରିଷ୍ଠ ଶିକ୍ଷକ ପ୍ରମୋଦ ଠାକୁର, ଲଳିତ କୁମାର ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ । କଳାହାଣ୍ଡି ଜିଲ୍ଲାର ଜଣେ ଜଣାଶୁଣା ନାଟ୍ୟକାର, ସଙ୍ଗୀତଜ୍ଞ, ଉଦ୍‌ଘୋଷକ, ସୁସଂଗଠକ , ସମାଜସେବୀ ବହୁମୁଖୀ ପ୍ରତିଭାର ଅଧିକାରୀ ଭାବରେ ନିଜକୁ ପ୍ରତିଷ୍ଠିତ କରିଥିବା ଶ୍ରୀ ପଣ୍ଡା ସଫଳ ଶିକ୍ଷାବିତ ଭାବରେ ଅବସର ଗ୍ରହଣ କରିଛନ୍ତି । ସମ୍ବର୍ଦ୍ଧନା ସଭାରେ ଶ୍ରୀ ପଣ୍ଡାଙ୍କ ସପନୀକ ଉପସ୍ଥିତି ସହ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସମେତ ବହୁ ଶିକ୍ଷକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ସମସ୍ତ ସିଆରସିସି ସକ୍ରିୟ ସହଯୋଗ କରିଥିବା ବେଳେ ସିଦ୍ଧାର୍ଥ ମିଶ୍ର ମଞ୍ଚ ପରିଚାଳନା କରିଥଲେ ।

# ସେଭେନ ଷ୍ଟାରୟୁଥ କ୍ଲବକୁ ପ୍ରକୃତି ମିତ୍ର ପୁରସ୍କାର

କୁଚିଣ୍ଡା,(ସବ୍ୟୁ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଲେଇଗଡ ପାଞ୍ଚୟତର କୁଡାପଡା ଗାଁ ସେଭେନ ଷ୍ଟାରୟୁଥ କ୍ଲବକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି । ବିଶ୍ୱ ପରିବେଶ ଦିବସ ଅବସର ରେ ସମ୍ବଲପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟ ଆର ସି ସି ଏଫ ର ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ଲବର ସଭାପତି ସରୋଜ ମେହେର ବନ ସଂରକ୍ଷଣ ଅଧିକାରୀଙ୍କ ହାତରୁ ପ୍ରକୃତି ମିତ୍ର ସହିତ ଅର୍ଥ ରାଶି ଗ୍ରହଣ କରିଥିଲେ । ଏହି ଅନୁଷ୍ଠାନ ସବୁ ବେଳେ ବୃକ୍ଷରୋପଣ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ କରି ପରିବେଶ ପାଇଁ ସବୁ ବେଳେ କାର୍ଯ୍ୟ କରି ଆସୁଛି । ଏହି ପୁରସ୍କାର ପାଇବା ପାରେ କ୍ଲବର ସଦସ୍ୟ ମାନେ ପ୍ରତି ବର୍ଷ ବୃକ୍ଷ୍ୟ ରୋପଣ କରିବୁ ବୋଲି କହିଛନ୍ତି ଏହି କାର୍ଯ୍ୟ ପାଇଁ ସେଭେନ ଷ୍ଟାର କ୍ଲବର ସଭାପତି ଶ୍ରୀ ମେହେର ସମ୍ପାଦକ ମନୋଜ କୁମାର ମେହେର ତଥା ସମସ୍ତ କର୍ମକର୍ତ୍ତା ଏହା ପରିଶ୍ରମ ଫଳ ବୋଲି କହିଛନ୍ତି ତାଙ୍କୁ ଏହି କାର୍ଯ୍ୟ ପାଇଁ ପ୍ରଶଂସା କରିଛନ୍ତି ।

# ସ୍ୱେଚ୍ଛାସେବୀ ଦୀପକ ବିଶ୍ୱାଳଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର

ରେଢ଼ାଖୋଲ,(ସବ୍ୟୁ): ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଯୁବ ସ୍ୱେଚ୍ଛାସେବୀ ଦୀପକ ବିଶ୍ୱାଳଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ମିଳିଛି । ଜଙ୍ଗଲ, ପରିବେଶ ବିଭାଗ ଓଡିଶା ସରକାର ତରଫରୁ ତାଙ୍କୁ ଏହି ପୁରସ୍କାର ସମ୍ବଲପୁର ଜିଲ୍ଲା ନନ୍ଦନକାନନ ଠାରେ ଅନୁଷ୍ଠିତ ବିଶ୍ୱ ପରିବେଶ ଦିବସରେ ତାଙ୍କୁ ମାନପତ୍ର, ଆର୍ଥିକ ସହଯୋଗ ସହ ପୁରସ୍କୃତ କରାଯାଇ ଥିଲା । ସେ ଜଣେ ସ୍ୱେଚ୍ଛାସେବୀ ଭାବରେ ସମ୍ବଲପୁର ଜିଲ୍ଲାରେ ବେଶ ପରିଚିତ । ସେ ରେଢ଼ାଖୋଲ ଉପଖଣ୍ଡ ଜୁଯୋମୁରା ନିକଟ ଏକ ପଲ୍ଲୀ ଗ୍ରାମରେ ଥାଇ ସମାଜସେବାକୁ ବ୍ରତ ଭାବରେ ଗ୍ରହଣ କରିଛନ୍ତି ।

# ଜୟ ଦୁର୍ଗା ଉଚ୍ଚ ବିଦ୍ୟାଳୟକୁ "ପ୍ରକୃତି ମିତ୍ର' ପୁରସ୍କାର

ନର୍ଲା,(ସବ୍ୟୁ): ବିଶ୍ୱ ପରିବେଶ ଦିବସ ୨୦୨୬ ଅବସରରେ ପରିବେଶ ସଂରକ୍ଷଣ ଏବଂ ସ୍ଥାୟୀ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜୟ ଦୁର୍ଗା ଉଚ୍ଚ ବିଦ୍ୟାଳୟକୁ ପ୍ରତିଷ୍ଠିତ "ପ୍ରକୃତି ମିତ୍ର ପୁରସ୍କାର ୨୦୨୬'ରେ ସମ୍ମାନିତ କରାଯାଇଛି । ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଜିଲ୍ଲା ପରିବେଶ ସମିତି ଦ୍ୱାରା ଏହି ପୁରସ୍କାର ପ୍ରଦାନ କରାଯାଇଛି । ବିଦ୍ୟାଳୟ ପରିସରରେ ନର୍ସରୀ, ବର୍ଜ୍ୟବସ୍ତୁ ପରିଚାଳନା, ପରିବେଶ ସଚେତନତା ଅଭିଯାନ, ଶତପ୍ରତିଶତ ଅକ୍ଷୟ ଶକ୍ତିର ବ୍ୟବହାର ଏବଂ ଜଳ ସଂରକ୍ଷଣ ପାଇଁ ପ୍ରଭାବଶୀଳ ବର୍ଷା ଜଳ ଅମଳ ପ୍ରକଳ୍ପ ଭଳି ଦୃଷ୍ଟାନ୍ତମୂଳକ ପଦକ୍ଷେପ ପାଇଁ ଏହି ଶିକ୍ଷାନୁଷ୍ଠାନକୁ ମନୋନୀତ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଜାତୀୟ ଶିକ୍ଷକ ପୁରସ୍କାର ପ୍ରାପ୍ତ ସନ୍ତୋଷ କୁମାର କର ବିଶ୍ୱ ପରିବେଶ ଦିବସରେ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାଓ୍ୱାର ପ୍ରକାଶଙ୍କ ଠାରୁ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଛନ୍ତି । ତାଙ୍କ ନେତୃତ୍ୱରେ ଏହି ଅନୁଷ୍ଠାନ ପରିବେଶ ଶିକ୍ଷା ସହ ବ୍ୟାବହାରିକ ସଂରକ୍ଷଣ ଏବଂ ଗୋଷ୍ଠୀ ସହଭାଗିତାକୁ ଯୋଡ଼ି ଏକ ଆଦର୍ଶ ବିଦ୍ୟାଳୟ ଭାବେ ଉଭା ହୋଇପାରିଛି । ଏହି ଅବସରରେ ଶ୍ରୀ କର ନିଜ ପ୍ରତିକ୍ରିୟାରେ ଏହି ପୁରସ୍କାରକୁ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ପୁରାତନ ଛାତ୍ର ସଂସଦ ଏବଂ ସ୍ଥାନୀୟ ଜନସାଧାରଣଙ୍କୁ ଉତ୍ସର୍ଗ କରିଛନ୍ତି । ଏଥିସହ ପରିବେଶ ପ୍ରତି ଦାୟିତ୍ୱବାନ ନାଗରିକ ଗଢ଼ିବା ଉପରେ ଗୁରୁତ୍ୱ ଦେଇ ସ୍ଥାୟୀ ବିକାଶ ପାଇଁ ଅନୁଷ୍ଠାନର ସଂକଳ୍ପକୁ ସେ ଦୋହରାଇଛନ୍ତି ।

# ଶିଶୁରୋଗ ବିଶେଷଜ୍ଞ ଡା. ପଲଉ ପ୍ରଧାନଙ୍କ ପରଲୋକ

ଧର୍ମଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଅଂଚଳରେ ଥିବା ଲୋକ ପ୍ରିୟ ଡାକ୍ତର ପଲଉ ପ୍ରଧାନଙ୍କ ଶନିବାର ଭୋରରୁ ତାମିଲନାଡୁର କୋଏମ୍ବାଟୁର ସ୍ଥିତ ଏକ ହୋଟେଲରେ ତାଙ୍କର ହୃଦଘାତ ଯୋଗୁଁ ମୃତ୍ୟୁ ବରଣ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହେଉଥିଲା ବେଳେ ସେ ତାଙ୍କ ପରିବାର ସହ ଦକ୍ଷିଣ ଭାରତ ଭ୍ରମଣରେ ଯାଇଥିଲେ । ଭ୍ରମଣ କାଳରେ ଏହି ଅଘଟଣ ଘଟି ଯାଇଥିବା ସୂଚନା ମିଳିଛି । ସକାଳେ ଶୋଇ ଉଠିଥିବା ସମୟରେ ହଠାତ ଅସୁସ୍ଥ ଅନୁଭବ କରିବାରୁ ଟିକେ ଚା ପିଇ ପୁଣି ଶୋଇ ପଡ଼ିଥିଲେ । ହେଲେ ସେ ଆଉ ଉଠିଲେ ନାହିଁ । ତାଙ୍କର ଶୋଇଥିବା ଅବସ୍ଥାରେ ମୃତ୍ୟୁ ହୋଇଯାଇଥିଲା । ସୂଚନା ଯୋଗ୍ୟ ଯେ ଡାକ୍ତର ପ୍ରଧାନ ୧୯୮୮ ମସିହାରେ ଧର୍ମଗଡ଼ ସରକାରୀ ଡାକ୍ତର ଖାନାରେ ଯୋଗଦେଇ ଦୀର୍ଘ ୧୯ ବର୍ଷ କାଳ ଧର୍ମଗଡ଼ ଅଞ୍ଚଳ ବାସୀଙ୍କୁ ସେବା ଯୋଗାଇ ଦେଇଥିଲେ । ପରେ ଭବାନୀପାଟଣା ଏବଂ ପାଣଫିକୁଡ଼ି ଠାରେ ୭ ବର୍ଷ ଲେଖାଏଁ କାର୍ଯ୍ୟ କରିଥିଲେ । ତାଙ୍କର ଦୀର୍ଘ ଦିନର ଶିଶୁ ମାନଙ୍କ ପ୍ରତି ଯେଉଁ ସେବା କରି ଆସିଥିଲେ ତାହା ଅଞ୍ଚଳରେ ସ୍ମରଣୀୟ । ବହୁତ କଷ୍ଟ, ଅସହାୟ ତଥା ଗରିବ ଶ୍ରେଣୀର ଲୋକଙ୍କୁ ବିନା ମୂଲ୍ୟରେ ଚିକିତ୍ସା କରୁଥିଲା ବେଳେ ସାଧାରଣ ଲୋକଙ୍କ ଠାରୁ କମ ଟଙ୍କା ନେଇ ଚିକିତ୍ସା କରିଥିଲେ । ତାଙ୍କର ମିଷ୍ଟଭାସି ଏବଂ ସରଳ ହୃଦୟ ବ୍ୟକ୍ତି ଏ ଅଂଚଳକୁ ବିରଳ ବୋଲି ସାଧାରଣ ରେ ଚର୍ଚ୍ଚା ସହ ଶୋକର ଛାୟା ଖେଳି ଯାଇଛି ।

# ମୁଖ୍ୟମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତ, କଂଗ୍ରେସ କର୍ମୀ ଅଟକ

ସମ୍ବଲପୁର,(ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିନିକିଆ ସମ୍ବଲପୁର ଗସ୍ତରେ ଆସିଥିବା ବେଳେ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ବିରୋଧ ଆଶଙ୍କା ଭୟଓ ବିଶୃଙ୍ଖଳା ଏଡ଼ାଇବା ପାଇଁ ପୋଲିସ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି । ପୋଲିସ ପକ୍ଷରୁ ୧୦ ରୁ ୧୨ ଜଣ କଂଗ୍ରେସ କର୍ମୀଙ୍କୁ ଟାଉନ୍ ଥାନାରେ ଅଟକ ରଖାଯାଉଛି । ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ କଂଗ୍ରେସ କର୍ମୀଙ୍କ କଳା ପତାକା କିମ୍ବା ବିକ୍ଷୋଭ ପ୍ରଦର୍ଶନ କରିବାର ଆଶଙ୍କା ରହିଥିଲା । ଏହା ଜଣାପଡ଼ିବା ପରେ ପୋଲିସ ପକ୍ଷରୁ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଗସ୍ତ ପୂର୍ବରୁ କଂଗ୍ରେସ କର୍ମୀଙ୍କୁ ପୋଲିସ ଉଠାଇ ଆଣିଥିଲା । ମୁଖ୍ୟମନ୍ତ୍ରୀଙ୍କ ସମସ୍ତ କାର୍ଯ୍ୟକ୍ରମ ଶେଷ ହେବା ପରେ ସେମାନଙ୍କୁ ଛାଡ଼ି ଦିଆଯିବ ବୋଲି ପୋଲିସ ପକ୍ଷରୁ ଜଣାପଡ଼ିଛି । ଭିଭିଆଇପି ଗସ୍ତ ସମୟରେ ଏଭଳି ସତର୍କତାମୂଳକ ଅଟକ ପ୍ରକ୍ରିୟା ଦେଖା ଯାଉଥିବା ବେଳେ ଦୀର୍ଘ ଦିନର ବ୍ୟବଧାନ ପରେ ପୁଣି ଥରେ କଂଗ୍ରେସ କର୍ମୀଙ୍କ ପ୍ରତି ପୋଲିସର ଏଭଳି କାର୍ଯ୍ୟାନୁଷ୍ଠାନ ସ୍ଥାନୀୟ ରାଜନୀତି ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ

ନୂଆପଡ଼ା,(ସବ୍ୟୁ): ଜିଲ୍ଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗର ରାଜସ୍ୱ ସଂଗ୍ରହ, ଆଇନଶୃଙ୍ଖଳା ପରିସ୍ଥିତି, ଜମି ସମ୍ବନ୍ଧୀୟ ମାମଲା ଏବଂ ଖଣିଜ ସମ୍ପଦର ସୁରକ୍ଷା ବାବଦରେ ବିସ୍ତୃତ ସମୀକ୍ଷା କରାଯାଇଛି । ବୈଠକ ପ୍ରାରମ୍ଭରେ ଜିଲ୍ଲାପାଳ ରବି ଧାନ ଅଧିଗ୍ରହଣ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ପାଇଁ ସମସ୍ତ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମଣ୍ଡି ପରିଚାଳନା ଉପରେ ତୀକ୍ଷ୍ଣ ନଜର ରଖିବା ସହ ଆଇନଶୃଙ୍ଖଳା ବଜାୟ ରଖିବାକୁ ସେ କହିଛନ୍ତି । ଆବଶ୍ୟକ ସ୍ଥଳେ ବେଆଇନ ଖନନ ଅଞ୍ଚଳରେ ଧାରା ୧୪୪ ଜାରି କରିବାକୁ ଜିଲ୍ଲାପାଳ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଚଳିତ ବର୍ଷ ମେ ମାସ ସୁଦ୍ଧା ଜିଲ୍ଲାରେ ଜମି ରାଜସ୍ୱ ଓ ବକେୟା ଆଦାୟ କ୍ଷେତ୍ରରେ ଗତ ବର୍ଷ ତୁଳନାରେ ଉଲ୍ଲେଖନୀୟ ସଫଳତା ମିଳିଛି । ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର-୨୦୨୬) କାର୍ଯ୍ୟକ୍ରମର ସମୀକ୍ଷା କରି ଜିଲ୍ଲାପାଳ ସମସ୍ତ ବିଡିଓଙ୍କୁ ବୁଥ୍ ସ୍ତରୀୟ ଅଧିକାରୀ (ବି ଏଲ ଓ) ମାନଙ୍କ ସହ ନିୟମିତ ଭର୍ଚୁଆଲ ବୈଠକ କରିବାକୁ କହିଛନ୍ତି । ଗ୍ରାହକ ସ୍ୱାର୍ଥ ରକ୍ଷା ପାଇଁ ଜିଲ୍ଲାର ସମସ୍ତ ଅଳଙ୍କାର ଦୋକାନ ଯାଞ୍ଚ କରି ରିପୋର୍ଟ ଦାଖଲ କରିବାକୁ ଲିଗାଲ ମେଟ୍ରୋଲୋଜି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ରାଜସ୍ୱ ପ୍ରଶାସନ କ୍ଷେତ୍ରରେ ଉଲ୍ଲେଖନୀୟ ସହଯୋଗ, ସକ୍ରିୟ ଭୂମିକା ଓ ଉତ୍କୃଷ୍ଟ ସମନ୍ୱୟ ରକ୍ଷା କରିଥିବାରୁ ବୋଡେନ ତହସିଲର ମନବୋଧ ମାଝୀ ଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ସମ୍ମାନଜନକ "ରାଜସ୍ୱ ମିତ୍ର ପୁରସ୍କାର' ପ୍ରଦାନ କରାଯାଇଛି ।

